# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 13 August – 2026

***********************************

## ମୁଖ୍ୟ ସମ୍ବାଦ

- ଶେଷ ହେଲା ସଂସଦର ମୌସୁମୀ ଅଧିବେଶନ;

— ୧୨ଟି ଗୁରୁତ୍ୱପୂର୍ଣ୍ଣ ବିଧେୟକ ପାରିତ

- ନୂଆଦିଲ୍ଲୀଠାରେ ୨୦୨୪-୨୫ ବର୍ଷ ପାଇଁ ସଂଗୀତ ନାଟକ ଏକାଡେମୀ ଫେଲୋସିପ୍ ଓ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି

- ଆୟୁର୍ବେଦିକ ଚିକିତ୍ସାଳୟର ଉନ୍ନତି ଓ ଆଧୁନିକୀକରଣ ପାଇଁ ପଦକ୍ଷେପ ନେଉଛନ୍ତି ରାଜ୍ୟ ସରକାର

- ଅଙ୍ଗଦାନର ମହତ୍ତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି 'ବିଶ୍ୱ ଅଙ୍ଗଦାନ ଦିବସ'

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଅବପାତର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଲାଗି ରହିଛି ବର୍ଷା

## ସଂସଦ ମୁଲତବୀ

ସଂସଦର ଉଭୟ ଗୃହକୁ ଅନିର୍ଦ୍ଧିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି । ଅଧିବେଶନ କାଳରେ ୧୯ଟି ବୈଠକ ଅନୁଷ୍ଠିତ ହେବା ସହ ୧୨ଟି ଗୁରୁତ୍ୱପୂର୍ଣ୍ଣ ବିଧେୟକ ପାରିତ ହୋଇଛି । ସାର୍ବଜନୀନ ପରୀକ୍ଷା, ଅସାଧୁ ଉପାୟ ନିବାରଣ ସଂଶୋଧନ ବିଧେୟକ-୨୦୨୬, ଜାତୀୟ ସମ୍ମାନର ଅପମାନ ନିବାରଣ ସଂଶୋଧନ ବିଧେୟକ, ଟ୍ରିବ୍ୟୁନାଲ ସଂସ୍କାର ବିଧେୟକ, ଜାତୀୟ ସମବାୟ ବିକାଶ ନିଗମ ସଂଶୋଧନ ବିଧେୟକ ଆଦି ଅନ୍ତର୍ଭୁକ୍ତ । ଗତମାସ ୨୦ ତାରିଖରୁ ଆରମ୍ଭ ହୋଇଥିବା ସଂସଦର ମୌସୁମୀ ଅଧିବେଶନ ୨୫ ଦିନ ଧରି ଅନୁଷ୍ଠିତ ହୋଇଥିଲା ।

ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧନ କରି କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେଣ ରିଜିଜୁ କହିଛନ୍ତି, ବିରୋଧୀ ସଦସ୍ୟମାନଙ୍କ ହଟ୍ଟଗୋଳ ଏବଂ ବିରୋଧ ଯୋଗୁଁ ବିଧେୟକଗୁଡ଼ିକ ଉପରେ ସନ୍ତୋଷଜନକ ଓ ଗୁଣବତ୍ତାପୂର୍ଣ୍ଣ ଆଲୋଚନା ସମ୍ଭବ ହୋଇପାରି ନଥିଲା । ସରକାର ଆଲୋଚନା ପାଇଁ ଏବଂ ବିରୋଧୀ ସଦସ୍ୟଙ୍କ ଉତ୍ତର ଦେବାକୁ ପ୍ରସ୍ତୁତ ଥିଲେ ବୋଲି ଶ୍ରୀ ରିଜିଜୁ କହିଛନ୍ତି ।

**V/O (Kiren Rijiju)**

## ଖଣି ବିଲ୍ ପାରିତ

ଖଣି ଓ ଖଣିଜ ବିକାଶ ଏବଂ ନିୟନ୍ତ୍ରଣ ସଂଶୋଧନ ବିଲ୍ ଆଜି ରାଜ୍ୟସଭାରେ ପାରିତ ହୋଇଛି । ପୂର୍ବାହ୍ନ ୧୧ଟାରେ ଗୃହକାର୍ଯ୍ୟ ଆରମ୍ଭ

ହେବା ପରେ କୋଇଲା ଓ ଖଣିମନ୍ତ୍ରୀ ଜି. କିଶନ ରେଡ୍ଡୀ ଏହି ବିଲ୍‌କୁ ଗୃହରେ ଆଗତ କରିଥିଲେ । ପ୍ରଚଳିତ ଖଣି ଏବଂ ଖଣିବିକାଶ ଓ ନିୟନ୍ତ୍ରଣ ଆଇନ୍ ୧୯୫୭ରେ କେତେକ ସଂଶୋଧନ ନେଇ ଏଥିରେ ପ୍ରସ୍ତାବ ରହିଛି । ଦେଶରେ ଖଣିକ୍ଷେତ୍ରକୁ ଅଧିକ ଦକ୍ଷ, ନିବେଶ ଅନୁକୂଳ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜପଦାର୍ଥର ବୃଦ୍ଧିପାଉଥିବା ଚାହିଦା ପୂରଣ କ୍ଷେତ୍ରରେ ଏହି ବିଲ୍ ସହାୟକ ହେବ ବୋଲି ଆଶା କରାଯାଉଛି । ବିଲ୍ ଆଲୋଚନାର ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ରେଡ୍ଡୀ କହିଛନ୍ତି, ଖଣିଜ ସମ୍ପଦ ଗୁଡ଼ିକର ସଠିକ୍ ପରିଚାଳନା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରୁଛନ୍ତି । ଖଣିଜ ପରିଚାଳନା କ୍ଷେତ୍ରରେ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ପାଇଁ ନିଲାମ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି ।

ଶ୍ରୀ ରେଡ୍ଡୀ କହିଛନ୍ତି ୨୦୧୪-୧୫ ମସିହାରେ ରାଜ୍ୟ ସରକାରଗୁଡ଼ିକୁ ଖଣିଜ ରାଜସ୍ୱ ବାବଦରେ ୬୫ ପ୍ରତିଶତ ପ୍ରଦାନ କରାଯାଉଥିବାବେଳେ ନରେନ୍ଦ୍ର ମୋଦୀଙ୍କ ସରକାର ଅଧୀନରେ ଏହା ୮୫ ପ୍ରତିଶତକୁ ବୃଦ୍ଧି ପାଇଛି । ଏହି ବୃଦ୍ଧି ମାଧ୍ୟମରେ ସରକାର ରାଜ୍ୟଗୁଡ଼ିକ ସହିତ ଅଧିକ ରାଜସ୍ୱ ବଣ୍ଟନକୁ ସୁନିଶ୍ଚିତ କରୁଛନ୍ତି ବୋଲି ଶ୍ରୀ ରେଡ୍ଡୀ କହିଛନ୍ତି ।

## ରାଷ୍ଟ୍ରପତି-ସଙ୍ଗୀତ ନାଟକ ଏକାଡେମୀ

ଦେଶର ସମୃଦ୍ଧ ଲୋକସଂସ୍କୃତିର ସଂରକ୍ଷଣରେ କଳାକାରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆଜି ୨୦୨୪ ଏବଂ ୨୦୨୫ ବର୍ଷ ପାଇଁ ସଂଗୀତ ନାଟକ ଏକାଡେମୀ ଫେଲୋସିପ୍ ଓ ପୁରସ୍କାର ପ୍ରଦାନ କରି

ରାଷ୍ଟ୍ରପତି  କହିଛନ୍ତି, ପୁରସ୍କାରପ୍ରାପ୍ତ କଳାକାର ଆଧୁନିକ ଭାରତର ପ୍ରତିଭା ଏବଂ କଳା କ୍ଷେତ୍ରର ସମର୍ପଣ ଭାବକୁ ପ୍ରତିଫଳନ କରୁଛନ୍ତି। ସଂଗୀତ ଏବଂ ନୃତ୍ୟ ପ୍ରତ୍ୟେକର ବିଭିନ୍ନ ଶୈଳୀ ରହିଛି ଏବଂ ଲୋକନାଟ୍ୟଶାଳାର ମଧ୍ୟ ଅଗଣିତ ରୂପ ଦେଶର ସାଂସ୍କୃତି ବୈଭବକୁ ଉନ୍ନତ କରିଛି ବୋଲି ରାଷ୍ଟ୍ରପତି କହିଛନ୍ତି...

**V/O**

ସମାରୋହରେ ୧୦୦ରୁ ଅଧିକ କଳାକାରଙ୍କୁ  ଫେଲୋସିପ୍ ଏବଂ ପୁରସ୍କାର ପ୍ରଦାନ କରାଯାଇଛି।

## ଆୟୁର୍ବେଦ

ଆୟୁର୍ବେଦ ଚିକିତ୍ସାଳୟର ଗୁଣାତ୍ମକ ଉନ୍ନତୀ ଓ ଆଧୁନିକୀକରଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି। ଭୁବନେଶ୍ୱରଠାରେ ଆଜି ୧୦୦ ଶଯ୍ୟାବିଶିଷ୍ଟ ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟର ଉନ୍ନତୀକରଣ ଏବଂ ଫାର୍ମାସୀ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି, ଆୟୁର୍ବେଦ ଚିକିତ୍ସାଳୟ ରୋଗୀକୈନ୍ଦ୍ରିକ, ସୁରକ୍ଷିତ, ଗୁଣାତ୍ମକ ଓ ବୈଜ୍ଞାନିକ ମାନଦଣ୍ଡ ଆଧାରିତ ଚିକିତ୍ସା ସେବାକୁ ଅଧିକ ସୁଲଭ ଓ ସୁଦୃଢ କରିବ।  ଆୟୁର୍ବେଦ ଭଳି ଭାରତୀୟ ପୁରାତନ ଚିକିତ୍ସା ପଦ୍ଧତିକୁ ସରକାର ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି। ଚିକିତ୍ସାଳୟଗୁଡ଼ିକର ସେବା ମାନରେ

ଉନ୍ନତି ହେଲେ ଜନସାଧାରଣଙ୍କ ମଧ୍ୟରେ ଆୟୁର୍ବେଦ ଚିକିତ୍ସା ପ୍ରତି ଅଧିକ ଆଗ୍ରହ ବୃଦ୍ଧି ପାଇବ ବୋଲି ମନ୍ତ୍ରୀ କହିଛନ୍ତି ।

## ତ୍ରିରଙ୍ଗା ଶୋଭାଯାତ୍ରା

ହର ଘର ତିରଙ୍ଗା ଅଭିଯାନରେ ନୂଆଦିଲ୍ଲୀସ୍ଥିତ ବାସଭବନରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି ।

ପୁରୀ ନିମାପଡା ନିର୍ବାଚନ ମଣ୍ଡଳୀର ହରିହରପୁରରୁ ଚାରିଛକ ବଜାର ପର୍ଯ୍ୟନ୍ତ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଛାତ୍ରଛାତ୍ରୀ, ଜନସାଧାରଣ ଯୋଗଦେଇଥିଲେ ।

**କଳାହାଣ୍ଡି** ଜିଲ୍ଲା ଭବାନୀପାଟଣା ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ନିକଟରୁ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଛାତ୍ରଛାତ୍ରୀ, ଅଙ୍ଗନୱାଡି କର୍ମୀ, ଶିକ୍ଷକ-ଶିକ୍ଷୟିତ୍ରୀ ପ୍ରମୁଖ ଯୋଗଦେଇଥିଲେ ।

**ରାୟଗଡ଼ା**ଠାରେ ଆୟୋଜିତ ଶୋଭାଯାତ୍ରାରେ ବିଭିନ୍ନ ବିଦ୍ୟାଳୟ ଓ କଲେଜର ଛାତ୍ରଛାତ୍ରୀ ସହର ପରିକ୍ରମା କରିଥିଲେ ।

**ନୂଆପଡା** ବୋର୍ଡେନ୍ ବ୍ଲକ୍‌ରେ ହର ଘର ତିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗ୍ରାମାଞ୍ଚଳରେ ଲୋକମାନେ ଘରକୁ ଘର ବୁଲି ତ୍ରିରଙ୍ଗାର ମହତ୍ ଉଦ୍ଦେଶ୍ୟ ସମ୍ପର୍କରେ ସଚେତନ କରାଇଛନ୍ତି ।

**ବୌଦ୍ଧ** ଜିଲ୍ଲାରେ ର ଘର ତିରଙ୍ଗା ଅଭିଯାନକୁ ସଫଳ କରିବା ପାଇଁ ପ୍ରଶାସନ ପକ୍ଷରୁ ସାମୂହିକ ବନ୍ଦେ ମାତରମ୍ ଗାନ ଆୟୋଜିତ ହୋଇଥିଲା । ପୁରୀ, ଗଞ୍ଜାମ, ମାଲକାନଗିରି, କନ୍ଧମାଳ, ବରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ହର ଘର ତିରଙ୍ଗା ଅଭିଯାନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।

# ବିଶ୍ୱ ଅଙ୍ଗଦାନ ଦିବସ

ଅଙ୍ଗଦାନର ମହତ୍ତ୍ୱ ସଂପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ଅଙ୍ଗଦାନ ଦିବସ ପାଳନ କରାଯାଉଛି । ଅଙ୍ଗଦାନର ଆବଶ୍ୟକତା ସଂପର୍କରେ ସମସ୍ତେ ଅବଗତ ହେବା ଜରୁରୀ । ଜଣେ ବ୍ୟକ୍ତି ନିଜର ହୃତ୍‌ପିଣ୍ଡ, ଆଖି, ବୃକକ୍, ଅଗ୍ନାଶୟ, ଫୁସ୍‌ଫୁସ୍ ଆଦି ଅଙ୍ଗଦାନ କରି ଅନ୍ୟର ଜୀବନ ବଞ୍ଚାଇବାରେ ସକ୍ଷମ ହୋଇପାରିବେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି । ଏହି ଅବସରରେ ଆଜି ଅପରାହ୍ଣରେ ଲୋକସେବା ଭବନ ସମ୍ମିଳନୀକକ୍ଷରେ ଅଙ୍ଗଦାନ ଭଳି ମହତ୍ କାର୍ଯ୍ୟକୁ ପ୍ରୋତ୍ସାହନ ସ୍ୱରୂପ ସୁରଜ ସମ୍ମାନ ପ୍ରଦାନ କରାଯିବ । କାର୍ଯ୍ୟକ୍ରମରେ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

ଅଙ୍ଗଦାନ କେବଳ ଏକ ଚିକିତ୍ସା ପ୍ରକ୍ରିୟା ନୁହେଁ ଏହା ମାନବିକତାର ସର୍ବୋଚ୍ଚ ଉଦାହରଣ । ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଜଣେ ମୃତ ଅଙ୍ଗଦାତା ଦୁଇଟି କିଡନୀ, ଦୁଇଟି ଫୁସ୍‌ଫୁସ୍, ଯକୃତ, ଅନ୍ତଃନଳୀ ଓ ଅଗ୍ନାଶୟ ଦାନ କରିପାରିବେ । ଯାହା ୮ଟି ଜୀବନ ବଞ୍ଚାଇପାରିବ ।

ଏଥିସହିତ କର୍ଣ୍ଣିଆ, ଆଖି, ଚର୍ମ, ହାଡ଼, ହୃତପିଣ୍ଡ, ଭଲବ୍ ଆଦି କୋଷ ଦାନ କରାଯାଇ ଅନେକଙ୍କୁ ସୁସ୍ଥ ଜୀବନର ସୁଯୋଗ ପ୍ରଦାନ କରାଯାଇପାରିବ । ଅଙ୍ଗଦାନ ସମ୍ପୂର୍ଣ୍ଣ ସ୍ୱେଚ୍ଛାକୃତ ଓ ଆଇନ ସମ୍ମତ ପ୍ରକ୍ରିୟା । ଜୀବିତ ଅବସ୍ଥାରେ କେତେକ ଅଙ୍ଗଦାନ କରାଯାଉଥିବା ବେଳେ ମସ୍ତିଷ୍କ ପକ୍ଷାଘାତ କ୍ଷେତ୍ରରେ ପରିବାର ସମ୍ମତି ପରେ ଅଙ୍ଗଦାନ ସମ୍ଭବ ହୁଏ । ଅଙ୍ଗଦାନ ମହତ୍ ଦାନ–ଜୀବନର ସବୁଠାରୁ ବଡ଼ ଉପହାର ହେଉଛି ଅନ୍ୟକୁ ଜୀବନ ଦେବା । ଆସନ୍ତୁ ଆଜିର ଦିନରେ ଅଙ୍ଗଦାନ କରି ଏକ ସୁସ୍ଥ, ସମ୍ବେଦନଶୀଳ ଓ ମାନବିକ ସମାଜ ଗଠନରେ ନିଜର ଅବଦାନ ରଖିବା ।

ବିଶ୍ୱ ଅଙ୍ଗଦାନ ଦିବସ ଅବସରରେ **ଉପମୁଖ୍ୟମନ୍ତ୍ରୀ** କନକବର୍ଦ୍ଧନ ସିଂହଦେଓ ଅଙ୍ଗଦାନ କରି ଅନ୍ୟ ଏକ ଜୀବନକୁ ପୁନର୍ଜୀବିତ କରିବା ପାଇଁ ପରାମର୍ଶ ଦେଇଛନ୍ତି ।

**ସ୍ୱାସ୍ଥ୍ୟମନ୍ତ୍ରୀ** ଡକ୍ଟର ମୁକେଶ ମହାଲିଙ୍ଗ ଅଙ୍ଗଦାନ ସମ୍ପର୍କରେ ସଚେତନତା ସୃଷ୍ଟି କରି ଜୀବନ ବଞ୍ଚାଇବାର ଏହି ମହତ୍ କାର୍ଯ୍ୟରେ ଭାଗୀଦାର ହେବା ପାଇଁ କହିଛନ୍ତି ।

# ବନକଲାଗି

ଶ୍ରାବଣମାସ ଶୁକ୍ଳପକ୍ଷ ପ୍ରତିପଦ ତିଥିରେ ଆଜି ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ । ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବା ପରେ ଏହି ଗୁପ୍ତ ନୀତି ପାଇଁ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ।

## ଅହଲ୍ୟାବାଇ

ମହାନ ବୀରାଙ୍ଗନା ଲୋକମାତା ଅହଲ୍ୟାବାଇ ହୋଲକରଙ୍କ ପୂଣ୍ୟତିଥିରେ ଦେଶବାସୀ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି । ନିଜର କୁଶଳ ଶାସନ, ପ୍ରଜାବତ୍ସଳତା, ନାରୀଶକ୍ତିର ଜୀବନ୍ତ ଉଦାହରଣ ଏବଂ ସମଗ୍ର ଭାରତବର୍ଷରେ ବହୁ ପୁରାତନ ମନ୍ଦିର ଓ ଘାଟଗୁଡ଼ିକର ପୁନରୁଦ୍ଧାର କ୍ଷେତ୍ରରେ ତାଙ୍କର ଅତୁଳନୀୟ ଯୋଗଦାନ ଚିରସ୍ମରଣୀୟ। ସନାତନ

ସଂସ୍କୃତିର ସୁରକ୍ଷା ଓ ସମାଜସେବା ପ୍ରତି ତାଙ୍କର ସମର୍ପିତ ଜୀବନ ସମସ୍ତଙ୍କ ପାଇଁ ଚିର ପ୍ରେରଣାର ଉତ୍ସ।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ତାଙ୍କର ତ୍ୟାଗ, ସେବା ଓ ଲୋକକଲ୍ୟାଣମୂଳକ କାର୍ଯ୍ୟ ସଦାସର୍ବଦା ସମସ୍ତଙ୍କୁ ପ୍ରେରଣା ଯୋଗାଇବ।

**ଉପମୁଖ୍ୟମନ୍ତ୍ରୀ** ପ୍ରଭାତୀ ପରିଡା କହିଛନ୍ତି, ସୁଶାସନ ଓ ଲୋକକଲ୍ୟାଣର ଅନନ୍ୟ ପ୍ରତୀକ ଅହଲ୍ୟାବାଈ ହୋଲକରଙ୍କ ଆଦର୍ଶ ଆଗାମୀ ପିଢିକୁ ନୂତନ ଦିଗ୍‌ଦର୍ଶନ ଦେବ।

## ରକ୍ତଦାନ ଶିବିର

**ନବରଙ୍ଗପୁର** ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ରକ୍ତଦାନ ମହତ୍ କାର୍ଯ୍ୟ ହୋଇଥିବାରୁ ଲୋକଙ୍କୁ ରକ୍ତଦାନ ପାଇଁ ପ୍ରୋତ୍ସାହିତ କରିବାକୁ ଶ୍ରୀ ଗଣ୍ଡ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ରକ୍ତଦାନ କରିଥିବା ବ୍ୟକ୍ତିବିଶେଷଙ୍କୁ ମନ୍ତ୍ରୀ ପ୍ରମାଣପତ୍ର ପ୍ରଦାନ କରିଛନ୍ତି।

# ସାଇବର ସଚେତନତା

**ଭଦ୍ରକ** ଜିଲ୍ଲା ବଁନ୍ତ ବ୍ଲକ୍ ଥାନା ପରିସରରେ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଇବର ଠକେଇ, ଡିଜିଟାଲ

ଆରେଷ୍ଟ, ନୂତନ ଅପରାଧ ଆଇନ୍ ସମ୍ପର୍କରେ ପୁଲିସ୍ ଅଧିକାରୀମାନେ ସଚେତନ କରାଇଥିଲେ।

## ପାଣିପାଗ

ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟ ଲଘୁଚାପ ଅବପାତରେ ପରିଣତ ହୋଇଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ବାଲେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।ଏହାସହ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାର ଭୋଗରାଇରେ ସର୍ବାଧିକ ୨୩୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଏହି ସମୟ ମଧ୍ୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି।

ମଧ୍ୟାହ୍ନ ୧୨ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୪ ଦଶମିକ ୭/୧ ଫୁଟ ରହିଛି। ଜଳଭଣ୍ଡାର ମଧ୍ୟକୁ ୬୪ ହଜାର ୧୦୨ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୨ଟି ଗେଟ୍ ଦେଇ ୩୦ ହଜାର ୪୯୪ ଘନଫୁଟ ଜଳ ନିଷ୍କାସିତ ହେଉଛି।

ଲଘୁଚାପ ବର୍ଷା କାରଣରୁ **ମୟୂରଭଞ୍ଜ** ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସରକାରୀ, ବେସରକାରୀ ସ୍କୁଲକୁ ଛୁଟି ଘୋଷଣା କରାଯାଇଛି ।

ଚଳିତ ଲଘୁଚାପ ପ୍ରଭାବରେ ସାଳନ୍ଦୀ ନଦୀରେ ବନ୍ୟା ସମ୍ଭାବନା ଥିବାରୁ ସତର୍କ ରହିବା ପାଇଁ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ **ଦିଲ୍ଲୀପ ରାଉତ** କହିଛନ୍ତି ।

**- V/O -**